ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ‘ସ୍କନ୍ଧଂ ନ ବାଧତେରାଜନ୍, ତବ ବାଧତି ବାଧତେ’

ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାପନ ନେଇ କେନ୍ଦ୍ର ହାଇକୋର୍ଟରେ ଅସତ୍ୟପାଠ କରିଛି - ଭୁବନେଶ୍ୱର (ଭୁ.ପ୍ର)- କାଳିଦାସ କହିଥିଲେ ‘ସ୍କନ୍ଧଂ ନ ବାଧତେରାଜନ୍, ତବ ବାଧତି ବାଧତେ ।’ ଠିକ୍ ସେମିତି ଜାତୀୟ ବିଜ୍ଞାନ ସଂସ୍ଥାନ ବା ଏନ୍ଆଇଏସ୍ ସ୍ଥାନାନ୍ତର ନିଷ୍ପତ୍ତି ଯେତେ ବାଧୁନଥିଲା, ତା’ଠାରୁ ଶହେ ଗୁଣ ବାଧୁଛି କେନ୍ଦ୍ର ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠ । କେନ୍ଦ୍ର ସରକାର ଧୋକାବାଜିର ଚରମ ସୀମାକୁ ଯାଇ କେବଳ ଯେ ଡାହା ମିଛର ଅବତାରଣା କରିଛନ୍ତି ତା ନୁହେଁ, ଏହି ସତ୍ୟପାଠ ଜରିଆରେ ଓଡ଼ିଶାର ସ୍ୱାଭିମାନକୁ ଅପମାନିତ କରିଛନ୍ତି । ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ସଂସ୍ଥାନ ସ୍ଥାନାନ୍ତର ସଂକ୍ରାନ୍ତ କେନ୍ଦ୍ରର ନିଷ୍ପତ୍ତିକୁ ଚାଲେଞ୍ଜକରି ଓଡ଼ିଶା ଜନସ୍ୱାର୍ଥ ସୁରକ୍ଷା ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ଯାଚିକା ଦାୟର କରାଯାଇଥିଲା । ଏହାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି କେନ୍ଦ୍ର ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ସହ ଜବାବ ଦେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରାଳୟର ଉପସଚିବ ପ୍ରେମକୁମାର ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ । ଏହି ସତ୍ୟପାଠରେ ଦର୍ଶାଯାଇଥିଲା ଯେ କୌଣସି ସମୟରେ ସରକାର ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇନଥିଲେ, ବରଂ ସରକାର କୋଲକାତା ଓ ପୁନେରେ ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନେଇଥିଲେ । ତେଣୁ ଭୁବନେଶ୍ୱରରୁ ଏନ୍ଆଇଏସ୍ ସ୍ଥାନାନ୍ତରକୁ ନେଇ ଯାହା ପ୍ରଚାର କରାଯାଉଛି ତାହା ମିଥ୍ୟା ଓ ବିଭ୍ରାନ୍ତିକର । ବାରମ୍ବାର ଓଡ଼ିଆଙ୍କୁ ଉପେକ୍ଷା କରିଆସିଥିବା କେନ୍ଦ୍ର ସତ୍ୟପାଠ ମାଧ୍ୟମରେ ବି ସତ୍ୟର ଅପଳାପ କରିଛନ୍ତି । ୨୦୦୩ ଜୁଲାଇ ୨୩ ତାରିଖରେ ୟୁଜିସି ବା ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ଅଧ୍ୟକ୍ଷ ଡକ୍ଟର ଅରୁଣ ନିଗାଭେକର ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପାଣ୍ଡବ ନାୟକଙ୍କୁ ଏକ ସରକାରୀ ଚିଠି (ଡିଓ ନମ୍ବର ଏଫ୍-୧-୭୪/୨୦୦୩ (ସି.ଏମ୍)), ଏଥିରେ ଲେଖାଥିଲା ଯେ ମାନବ ସମ୍ବଳ ବିକାଶମନ୍ତ୍ରୀ ପ୍ରଫେସର ମୁରଲୀମନୋହର ଜୋଷୀ ଏବଂ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ବିଜ୍ଞାନ ଗବେଷଣା ଏବଂ ଉଚ୍ଚମାନର ମାନବଶକ୍ତିର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ‘‘ମୁଁ ଆନନ୍ଦରେ ସହ ଆପଣଙ୍କୁ ସୂଚିତ କରୁଛି ଯେ ୟୁଜିସି ଦେଶର ୪ଟି ସହରରେ ୪ଟି ଜାତୀୟ ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛି । ୧- ପୂର୍ବ- ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟରେ, ୨- ପଶ୍ଚିମ- ପୁନେ, ପୁନେ ବିଶ୍ୱବିଦ୍ୟାଳୟ ପରିସରରେ, ୩-ଉତ୍ତର-ଆହ୍ଲାବାଦ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ପରିସରରେ, ୪- ଦକ୍ଷିଣ-ଚେନାଇ, ଆନ୍ନା ବିଶ୍ୱବିଦ୍ୟାଳୟ ପରିସରରେ । ୟୁଜିସି ଅଧ୍ୟକ୍ଷ ଲେଖିଥିଲେ ଏହିସବୁ କେନ୍ଦ୍ରକୁ ଜାତୀୟ ବିଜ୍ଞାନ ସଂସ୍ଥାନ କୁହାଯିବ । ପ୍ରତି କେନ୍ଦ୍ର ପାଇଁ ୫ ବର୍ଷରେ ୫୦ କୋଟି ଲେଖାଏଁ ଖର୍ଚ୍ଚ କରାଯିବ । ଦଶମ ଯୋଜନାରେ ଏଥି ସକାଶେ ୧୦୦ କୋଟି ଟଙ୍କା ରଖାଯାଇଛି । ଆଉ ଅତିରିକ୍ତ ୧୦୦ କୋଟି ଟଙ୍କା ବ୍ୟବସ୍ଥା କରିବା ଲାଗି ଯୋଜନା କମିଶନଙ୍କୁ ଅନୁରୋଧ କରାଯାଇଛି । ପ୍ରାଥମିକ ଅବସ୍ଥାରେ ପ୍ରତି କେନ୍ଦ୍ର ପାଇଁ ୨୫ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା ରଖାଯାଇଛି । କେବଳ ସେତିକି ନୁହେଁ ୟୁଜିସି ଅଧ୍ୟକ୍ଷ ତାଙ୍କ ପତ୍ରରେ ଏ କଥା ମଧ୍ୟ ଲେଖିଥିଲେ ଯେ ଏହି ୪ଟି ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାନକୁ କାର୍ଯ୍ୟକ୍ଷମ କରାଇବା ଲାଗି ପୁନେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରି.ଜି. ରିଡ୍ଡେଙ୍କ ଆବାହକତ୍ୱରେ ଏକ ୫ ଜଣିଆ ଉଚ୍ଚକ୍ଷମତାପନ୍ନ କମିଟି ଗଠନ କରାଯାଇଛି । ଏହି କମିଟି ଜାତୀୟ ବିଜ୍ଞାନ ସଂସ୍ଥାନ ସମ୍ପର୍କରେ ବିଭିନ୍ନ ନୀତିନିୟମ ଚୂଡ଼ାନ୍ତ କରିବେ । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାନ ଖୋଲିଲେ ମଧ୍ୟ ଏହା ସ୍ୱୟଂଶାସିତ ହେବ ବୋଲି ଏହି ପତ୍ରରେ ସ୍ପଷ୍ଟଭାବେ ଉଲ୍ଲେଖ ଥିଲା । ତେବେ କ’ଣ ୟୁଜିସିର ନିଷ୍ପତ୍ତି ଓ ତତ୍କାଳୀନ ଅଧ୍ୟକ୍ଷଙ୍କ ଉପରୋକ୍ତ ପତ୍ର ମିଥ୍ୟା ଥିଲା ? ଦୁଇ-ୟୁଜିସି ବଜେଟରେ ପ୍ରତି ପ୍ରସ୍ତାବିତ କେନ୍ଦ୍ର ଲାଗି ୨୫





Phi



କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା ରହିବା କ'ଣ ମିଥ୍ୟା ଥିଲା ? ତିନି- ଅତିରିକ୍ତ ୧୦୦ କୋଟି ଟଙ୍କାର ସମ୍ବଳ ଲାଗି ଯୋଜନା କମିଶନଙ୍କୁ ୟୁଜିସି ପକ୍ଷରୁ ଅନୁରୋଧ କରାଯାଇନଥିଲା କି ? ଚାରି-ୟୁଜିସି ଓ ଯୋଜନା କମିଶନ କେନ୍ଦ୍ର ସରକାରଙ୍କର ଅଂଶ ନୁହନ୍ତି କି ? ଏତେ ତଥ୍ୟ ପ୍ରମାଣ ଥିବା ସତ୍ତ୍ୱେ କେନ୍ଦ୍ର ମାନବସମ୍ବଳ ବିକାଶ ବିଭାଗ ସମ୍ପୂର୍ଣ୍ଣ ବିପରୀତ ସତ୍ୟପାଠ ଓଡ଼ିଶା ହାଇକୋର୍ଟରେ ଦାଖଲ କଲେ କାହିଁକି ? ଜାଣିବା ଶୁଣିବା ମହଲର କହିବା ଅନୁଯାୟୀ କେନ୍ଦ୍ରର ଉପା ସରକାର ଏବେ ସମ୍ପୂର୍ଣ୍ଣଭାବେ ବାମଦଳର ବୁକୁଚା ବୁହା ପାଲଟିଯାଇଛି । ପଶ୍ଚିମବଙ୍ଗର ବାମନେତାଙ୍କୁ ଅସନ୍ତୁଷ୍ଟ କରି କୌଣସି ନିଷ୍ପତ୍ତି ନେବାର ଅଧିକାର ବା ତାକତ ମନମୋହନ ସରକାରଙ୍କ ନାହିଁ । ଏଣେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ନିଜ ଭଦ୍ରଭାବମୂର୍ତ୍ତି ବଜାୟ ରଖିବା ପାଇଁ ଲଗାତର ଚେଷ୍ଟା କରିଆସୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଏହି ଆଚରଣ ହିଁ କେନ୍ଦ୍ରକୁ ଓଡ଼ିଶା ସହିତ ଧୋକାବାଜି କରିବାରେ ଉତ୍ସାହିତ କରିଛି ।




About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.

©2003 THE SAMAJA Estd.1919 (Servants of People Society)